# NATIONAL NEWS BULLETIN (ODIA)
## 10 December - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଜନସାଧାରଣଙ୍କ ଅଧିକାର ଏବଂ ସମ୍ମାନ ରକ୍ଷା କରିବା ଲାଗି ସମାନ ଡିଜିଟାଲ୍ ପରିବେଶ ସୁନିଶ୍ଚିତ କରିବା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।
- ସହିଦମାନଙ୍କ ନିଃସ୍ୱାର୍ଥପର ପ୍ରଚେଷ୍ଟା ଯୋଗୁଁ ହିଁ ଆସାମର ଅନନ୍ୟ ସଂସ୍କୃତି ଏବଂ ପରିଚୟ ଅକ୍ଷୁର୍ଣ୍ଣ ରହିପାରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ମସ୍କୋ ଠାରେ ଅନୁଷ୍ଠିତ ଏକବିଂଶତମ ଭାରତ-ରୁଷ ଆନ୍ତଃ ସରକାରୀ ଆୟୋଗ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ଓ ତାଙ୍କ ରୁଷ ପ୍ରତିପକ୍ଷ କଲେ ସହ-ଅଧ୍ୟକ୍ଷତା ।
- ବିଭିନ୍ନ ଖାଦ୍ୟଶସ୍ୟ, ପାଣିପାଗ ଏବଂ ଜଳ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଲାଗି ଉଦ୍ଦିଷ୍ଟ ଡିଜିଟାଲ୍ କୃଷି ମିଶନ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।

ଏବଂ

- ଓମାନ୍‌ର ମସ୍କଟ୍‌ରେ ଚାଲିଥିବା ମହିଳା ଜୁନିୟର୍ ଏସିଆକପ୍ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଆସନ୍ତାକାଲି ଭାରତ ଭେଟିବ ଚୀନ୍‌କୁ ।

## ପ୍ରେଜ୍-ହ୍ୟୁମାନ୍‌ରାଇଟସ୍

ସାଇବର ଅପରାଧ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବିକ ଅଧିକାର ପ୍ରତି ନୂତନ ବିପଦ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଆଜି ମାନବ ଅଧିକାର ଦିବସ ଅବସରରେ ନୂଆଦିଲ୍ଲୀ ଠାରେ ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି । ସମସ୍ତଙ୍କ ଅଧିକାର  ଏବଂ ସମ୍ମାନ ରକ୍ଷା କରିବା ଲାଗି ସମାନ ଡିଜିଟାଲ୍ ପରିବେଶ ସୁନିଶ୍ଚିତ କରିବା ଉପରେ ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଡିଜିଟାଲ୍ ଯୁଗ ପରିବର୍ତ୍ତନ ଶୀଳ, ତେବେ ସାଇବର ଅପରାଧ, ଡିପ୍ ଫେକ୍, ଗୋପନୀୟତା ଏବଂ ଭୁଲ୍ ତଥ୍ୟର ପ୍ରସାରଣ ଭଳି ସମସ୍ୟା ଏକ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି ।

ଦେଶରେ ସବୁ ବର୍ଗ ଲୋକଙ୍କର ଅଧିକାର ଅକ୍ଷୁର୍ଣ୍ଣ ରଖିବା ଦିଗରେ ଜାତୀୟ ମାନବାଧିକାର ଆୟୋଗଙ୍କର ସକ୍ରିୟ ଭୂମିକାକୁ ଏହି ଅବସରରେ

ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ଏଥିସହିତ ଏ କ୍ଷେତ୍ରରେ ବିଭିନ୍ନ ନୀତ କାର୍ଯ୍ୟକାରୀ କରିବା ଲାଗି ପରାମର୍ଶ ଦେବା ଏବଂ ସଚେତନତା ସୃଷ୍ଟି କରିବା ଦିଗରେ ଆୟୋଗଙ୍କ ଅବଦାନ ସ୍ମରଣୀୟ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଦାରିଦ୍ର୍ୟ ଦୂରୀକରଣ, କ୍ଷୁଦା ମୂଳୋତ୍ପାଟନ ଏବଂ ଯୁବବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ବିଭିନ୍ନ ଐତିହାସିକ ନୀତି କାର୍ଯ୍ୟକାରି କରି ଭାରତ ବିଶ୍ୱ ସମ୍ମୁଖରେ ଏକ ଉଜ୍ଜ୍ୱଳ ଉଦାହରଣ ସାଜିଛି । ଭାରତ ଏହାର ସଭ୍ୟତା, ଐତିହ୍ୟ, ସହାନୁଭୂତି ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ଉପରେ ରାଷ୍ଟ୍ରପତି ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ମାନବାଧିକାର ଆୟୋଗଙ୍କର ତିନୋଟି ସ୍ମରଣୀକାର ଉନ୍ମୋଚନ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ସାରା ବିଶ୍ୱରେ ମାନବାଧିକାରର ସୁରକ୍ଷା ନିମନ୍ତେ ୧୯୪୮ ମସିହା ଆଜିର ଦିନରେ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାର ସମ୍ପର୍କିତ ଘୋଷଣାନାମା ଗ୍ରହଣ କରାଯାଇଥିଲା । ଚଳିତ ବର୍ଷ ମାନବାଧିକାର ଦିବସର ବିଷୟବସ୍ତୁ ରହିଛି, 'ଆମ ଅଧିକାର, ଆମ ଭବିଷ୍ୟତ, ବର୍ତ୍ତମାନ' ।

## ପିଏମ୍-ସହିଦ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସହିଦ ଦିବସ ହେଉଛି ଆସାମ ଅଭିଯାନରେ ସାହସ ପ୍ରଦର୍ଶନ କରିଥିବା ତଥା ବଳିଦାନ ଦେଇଥିବା ବୀର ସହିଦମାନଙ୍କୁ ସ୍ମରଣ କରିବାର ଏକ ପ୍ରକୃଷ୍ଟ ସମୟ । ଏ ସମ୍ପର୍କରେ ଦେଇଥିବା ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ଏହି ସହିଦମାନଙ୍କର ନିଃସ୍ୱାର୍ଥପର ପ୍ରଚେଷ୍ଟା ଯୋଗୁଁ ହିଁ ଆସାମର ଅନନ୍ୟ ସଂସ୍କୃତି ଏବଂ ପରିଚୟ ଅକ୍ଷୁର୍ଣ୍ଣ ରହିପାରିଛି । ସହିଦମାନଙ୍କର ସାହସ ଏକ ବିକଶିତ ଆସାମ ଗଠନ ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ରାଜନାଥ-ରୁଷ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କ ରୁଷ ପ୍ରତିପକ୍ଷଙ୍କ ସହିତ ଆଜି ମସ୍କୋ ଠାରେ ଅନୁଷ୍ଠିତ ଏକବିଂଶତମ ଭାରତ-ରୁଷ ଆନ୍ତଃ ସରକାରୀ ଆୟୋଗ ବୈଠକରେ ସହ-ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ଦୁଇ ନେତା ଭାରତ ଓ ରୁଷ ମଧ୍ୟରେ ପ୍ରତିରକ୍ଷା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ସମ୍ପର୍କରେ ଆଲୋଚନା କରିବା ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ସମସାମୟିକ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମଧ୍ୟ

ମତବିନିମୟ କରିଛନ୍ତି । ଗତ ରବିବାର ଠାରୁ ତିନି ଦିନିଆ ରୁଷ ଗସ୍ତରେ ଥିବା ଶ୍ରୀ ସିଂହ ଆଜି ମସ୍କୋ ଠାରେ 'ଟମ୍ବ୍ ଅଫ୍ ଦ ଅନୋନ୍ ସୋଲଜର୍'ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଗତକାଲି ରୁଷର କାଲିନିନ୍‌ଗ୍ରାଡ୍ ଠାରେ ଭାରତୀୟ ନୌସେନାର ଆଇ.ଏନ୍.ଏସ୍. ତୁସିଲ୍‌କୁ ସାମିଲ କରାଯାଇଛି । ଏହାକୁ ଉଭୟ ଦେଶ ମଧ୍ୟରେ ଥିବା ବହୁ ଦିନର ବନ୍ଧୁତ୍ୱ ପଥରେ ଏକ ଉଲ୍ଲେଖନୀୟ ମାଇଲ୍‌ଷ୍ଟୋନ୍ ଭାବେ ଅବିହିତ କରିବା ସହ ଆତ୍ମନିର୍ଭର ଭାରତ ଅଭିଯାନକୁ ରୁଷର ସମର୍ଥନ ଥିବା ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀ ଠାରେ ଆମେରିକୀୟ ଜିଓ୍ୱିସ୍ କମିଟି ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ପଶ୍ଚିମ ଏସିଆ ଅଞ୍ଚଳରେ ସାମ୍ପ୍ରତିକ ସ୍ଥିତି ଏବଂ ବିଭିନ୍ନ କ୍ଷେତ୍ରରେ ଥିବା ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିପକ୍ଷିୟ ଭାଗିଦାରୀ ସମ୍ପର୍କରେ ସେମାନେ ଆଲୋଚନା କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

# ଫରେନ୍ ସେକ୍ରେଟେରୀ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତ ଗସ୍ତରେ ଆସିଥିବା ଜର୍ମାନ ସାଂସଦ ଆଣ୍ଡ୍ରୁଜ୍ ସ୍କର୍ଜ୍, ଇଙ୍ଗୋ ଗାଡେଚେନ୍ସ୍, ଜେସିନ ଲସଚ୍ ଏବଂ ସେବାଷ୍ଟିଆନ୍ ସ୍କାଫେର୍‌ଙ୍କ ସହିତ ଆଜି ନୂଆଦିଲ୍ଲୀ ଠାରେ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ବୈଦେଶିକ ସଚିବ ଭାରତ-ଜର୍ମାନ ରଣନୈତିକ ଭାଗିଦାରୀର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହିତ ଆପୋଷ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ମତବିନିମୟ କରିଛନ୍ତି ।

# ସ୍ମାର୍ଟ ଇଣ୍ଡିଆ ହାକାଥନ

ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୪ର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ଆସନ୍ତାକାଲି ଦେଶର ୫୧ଟି କେନ୍ଦ୍ରରେ ଆରମ୍ଭ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିବେ। ଗ୍ରାଣ୍ଡ ଫିନାଲେରେ ୧୩୦୦ରୁ ଅଧିକ ଛାତ୍ର ଦଳ ଅଂଶଗ୍ରହଣ କରିବେ। ଆସନ୍ତାକାଲି ଗ୍ରାଣ୍ଡ ଫିନାଲେରେ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମାବେଶକୁ ସମ୍ବୋଧିତ କରିବା ସହ ଯୁବ ପ୍ରତିଭାମାନଙ୍କ ସହ ଆଲୋଚନା କରିବେ।

# ଏଲ୍ଏସ୍-ଏଗ୍ରି ମିଶନ୍

କେନ୍ଦ୍ର କ୍ୟାବିନେଟ୍ ବିଭିନ୍ନ ଖାଦ୍ୟଶସ୍ୟ, ପାଣିପାଗ ଏବଂ ଜଳସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଲାଗି ଉଦ୍ଦିଷ୍ଟ ଡିଜିଟାଲ୍ କୃଷି ମିଶନ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିଲାଗି ୨ହଜାର ୮୧୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଲୋକସଭାରେ ସୂଚନା ଦେଇଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ମୋଦୀ ସରକାରଙ୍କ ତୃତୀୟ ପାଳର ୧୦୦ ଦିନ ମଧ୍ୟରେ କୃଷକମାନଙ୍କ କଲ୍ୟାଣ ଲାଗି ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହିତ କୃଷି କ୍ଷେତ୍ରରେ ଥିବା ଷ୍ଟାର୍ଟଅପ୍ ଏବଂ ଗ୍ରାମାଞ୍ଚଳ ଉଦ୍ୟୋଗିଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୭୫୦ କୋଟି ଟଙ୍କାର ଏକ ପାଣ୍ଠି ମଧ୍ୟ ଗଠନ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

# ଆର୍ଏସ୍-ଟିବି

୨୦୧୫ରୁ ୨୦୨୩ ମସିହା ମଧ୍ୟରେ ଦେଶରେ ଯକ୍ଷ୍ମା ଜନିତ ମୃତ୍ୟୁ ହାର ୨୧ ଦଶମିକ୍ ୪ ପ୍ରତିଶତ ହ୍ରାସ ପାଇଛି ବୋଲି ସରକାର କହିଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି ।

ସ କହିଛନ୍ତି, ଗତ ୮ ବର୍ଷ ମଧ୍ୟ ଯକ୍ଷ୍ମା ଜନିତ ମୃତ୍ୟୁ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୮ରୁ ହ୍ରାସ ପାଇ ୨୨ରେ ପହଞ୍ଚିଛି । ସେହିଭଳି ଯକ୍ଷ୍ମା ସଂକ୍ରମଣ ହାର ମଧ୍ୟ ଇତିମଧ୍ୟରେ ୧୭ ଦଶମିକ୍ ୭ ପ୍ରତିଶତ ହ୍ରାସ ପାଇଛି । ୨୦୧୫ ମସିହାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ଏହା ୨୩୭ ଥିବା ବେଳେ ୨୦୨୩ରେ ୧୯୫କୁ ହ୍ରାସ ପାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ଦେଶ ବ୍ୟାପି ଜାତୀୟ ଯକ୍ଷ୍ମା ମୂଳୋତ୍ପାଟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଦ୍ୱାରା ଏଭଳି ସଫଳତା ହାସଲ କରାଯାଇ ପାରିଛି ବୋଲି ଶ୍ରୀମତୀ ପଟେଲ କହିଛନ୍ତି ।

## ଅରବାନ୍-ମନହୋର

ଦେଶରେ ସହରୀକରଣ ପ୍ରକ୍ରିୟା ୩୫ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସହରାଞ୍ଚଳ ଓ ଗୃହ ନିର୍ମାଣ ବ୍ୟାପାର ମନ୍ତ୍ରୀ ମନହୋର ଲାଲ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏହି ପ୍ରକ୍ରିୟା ଦେଶରେ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏହା ୪୦ରୁ ୫୦ ପ୍ରତିଶତକୁ ଛୁଇଁପାରେ ବୋଲି ସରକାର ଆଶା କରିଛନ୍ତି । ସହରୀକରଣ ବୃଦ୍ଧି ପ୍ରକ୍ରିୟା ଦ୍ୱାରା ସହରାଞ୍ଚଳ ଭିତ୍ତିଭୂମିର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଉଛି ବୋଲି ଶ୍ରୀ ଲାଲ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ପି.ଏମ୍. ଆବାସ ଯୋଜନା **2.0** ଉପରେ ଆଲୋକପାତ କରି କହିଛନ୍ତି, ଏହି ୫ ବର୍ଷିଆ ଯୋଜନା ମାଧ୍ୟମରେ ଦେଶର ସହରାଞ୍ଚଳରେ ୧ କୋଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ମାତ୍ର ୬ରୁ ୭ ପ୍ରତିଶତ ଆବଣ୍ଟନ କରାଯାଇଛି, ଯାହାଦ୍ୱାରା ପ୍ରାୟ ୭ ଲକ୍ଷ ଗୃହ ନିର୍ମାଣ କରାଯିବ । ଏଥିଲାଗି ସମସ୍ତ ପ୍ରକ୍ରିୟା ଶେଷ ହୋଇଛି ଏବଂ ଚଳିତ ବର୍ଷ ଏହି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ଲାଲ କହିଛନ୍ତି ।

## ଆର୍‌ବିଆଇ-ଗଭର୍ଣ୍ଣର

ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ସଂଜୟ ମାଲହୋତ୍ରା ଆସନ୍ତାକାଲି ଠାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଗଭର୍ଣ୍ଣର ଭାବେ ଦାୟିତ୍ୱ ନିର୍ବାହ କରିବେ । ବର୍ତ୍ତମାନର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ମୁମ୍ବାଇ ଠାରେ ତାଙ୍କର ବିଦାୟକାଳୀନ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ମାଲହୋତ୍ରାଙ୍କ ନେତୃତ୍ୱରେ ଆଗାମୀ ଦିନରେ ବିଭିନ୍ନ ସମସ୍ୟାକୁ ସୂଚାରୁରୂପେ ସମାଧାନ କରିବାରେ ରିଜର୍ଭ ବ୍ୟାଙ୍କ୍ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଆଗାମୀ ଦିନରେ ମୁଦ୍ରାସ୍ଫିତି ନିୟନ୍ତ୍ରଣ, ବିଶ୍ୱସ୍ତରରେ ହେଉଥିବା ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇବା, ସାଇବର ନିରାପତ୍ତା ଜନିତ ସମସ୍ୟାର ସମାଧାନ ଆଦି ବହୁବିଧ ସମସ୍ୟା ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ରହିଛି । ତେବେ

ମିଳିତ ପ୍ରଚେଷ୍ଟା ଦ୍ୱାରା ଏ ସବୁକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଶ୍ରୀ ଦାସ କହିଛନ୍ତି ।

ସେ କହିଛନ୍ତି, ତାଙ୍କ କାର୍ଯ୍ୟକାଳ ସମୟରେ ଆର୍.ବି.ଆଇ. ଏକ ସମନ୍ୱିତ ପରାମର୍ଶ ଆଧାରିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲା । ପ୍ରତ୍ୟେକ କ୍ଷେତ୍ରରେ ବିଶେଷ କରି କୋଭିଡ୍ ନାଇଣ୍ଟିନ୍ ମହାମାରୀ ସମୟରେ ମଧ୍ୟ ଆର୍.ବି.ଆଇ.ର ବିଭିନ୍ନ ପ୍ରତିପକ୍ଷଙ୍କ ସହିତ ନିୟମିତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଉଥିଲା । ତାଙ୍କ କାର୍ଯ୍ୟକାଳ ସମୟରେ ନୂତନ ପ୍ରଯୁକ୍ତିବିଦ୍ୟାର ସୁଫଳ ବିଭିନ୍ନ କ୍ଷେତ୍ରରେ ଉପଯୋଗ କରାଯିବା ସହିତ ୟୁ.ଏଲ୍.ଆଇ. ଓ ୟୁ.ପି.ଆଇ. ପ୍ରକ୍ରିୟା, କେନ୍ଦ୍ରିୟ ବ୍ୟାଙ୍କ୍ ଡିଜିଟାଲ୍ ମୁଦ୍ରା ପାଇଲଟ ପ୍ରକଳ୍ପ ଏବଂ ଆର୍.ବି.ଆଇ. ଅଭିନବତା ହବ୍ ପ୍ରତିଷ୍ଠା ଆଦି ବିଭିନ୍ନ ଯୋଜନାର ସଫଳ ରୂପାୟନ କରାଯାଇଥିଲା ବୋଲି ଶ୍ରୀ ଦାସ କହିଛନ୍ତି ।

## ମୁମ୍ବାଇ-ବସ୍ ଆକ୍ସିଡେଣ୍ଟ

ମୁମ୍ବାଇର କୁର୍ଲା ଠାରେ ଗତ ରାତିରେ ବସ୍ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ଏହାଛଡ଼ା ୪୯ ଜଣ ଗୁରୁତରଙ୍କୁ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ଇତିମଧ୍ୟରେ ସମ୍ପୃକ୍ତ ବସ୍ ଡ୍ରାଇଭର୍‌କୁ ପୁଲିସ୍ ଗିରଫ୍ କରି ଅଦାଲତରେ ହାଜର କରିଛି ଏବଂ

ଅଦାଲତ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ଡ୍ରାଇଭର୍‌କୁ ପୁଲିସ୍ ହେପାଜତରେ ରହିବା ପାଇଁ ଅନୁମତି ଦେଇଛନ୍ତି ।

## ହକି

ଓମାନ୍‌ର ମସ୍କଟ୍‌ରେ ଚାଲିଥିବା ମହିଳା ଜୁନିୟର୍ ଏସିଆକପ୍ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ଚୀନ୍‌କୁ ଭେଟିବ । ଆସନ୍ତାକାଲି ଏହି ଫାଇନାଲ୍ ମ୍ୟାଚ୍ ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଖେଳାଯିବ ।

ଗତକାଲି ଅନୁଷ୍ଠିତ ସେମିଫାଇନାଲ୍‌ରେ ଭାରତ ମାଲେସିଆକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିଲା । ଭାରତ ପକ୍ଷରୁ ଦୀପିକା ତିନୋଟି ଗୋଲ୍ ଦେଇଥିବା ବେଳେ ବୈଷ୍ଣବୀ ଫାଲକେ ଓ କନିକା ଶିଓ୍ୱାଚ୍ ଗୋଟିଏ ଲେଖାଏଁ ଗୋଲ୍‌ସ୍କୋର କରିଥିଲେ ।